Ministry of
Health and Family Welfare
Goverment of India

myGOV
मेरी सरकार




# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ



## Q. ମୋର ପରିବାର ସଦସ୍ୟମାନେ ମଧ୍ୟ ଟୀକା ନେବେ କି?

**A.**

- ପ୍ରାଥମିକ ପର୍ଯ୍ୟାୟରେ ସୀମିତ ଟୀକା ଉପଲବ୍ଧ ହେଉଥିବାରୁ ପ୍ରଥମେ କୋଭିଡ-19 ଦ୍ୱାରା ଅଧିକ ସଂକ୍ରମିତ ହେବାର ସମ୍ଭାବନା ଥିବା ବ୍ୟକ୍ତିଙ୍କୁ ଟୀକା ଦିଆଯିବ ।
- ପରବର୍ତ୍ତୀ ପର୍ଯ୍ୟାୟରେ କୋଭିଡ-19 ଟୀକା ଆପଣଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟମାନଙ୍କ ନିମନ୍ତେ ମଧ୍ୟ ଉପଲବ୍ଧ ହେବ ।

Date: 5th January 2021

Ministry of
Health and Family Welfare
Goverment of India

my GOV
मेरी सरकार

# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ



**Q.** ମୋତେ କୋଭିଡ-19 ଟୀକା ନେବା ପାଇଁ କାହିଁକି ବଛା ଯାଇଛି?

**A.**

- ଭାରତ ସରକାର ଅଗ୍ରାଧିକାର ଭିତ୍ତିରେ କାହାକୁ ଟୀକା ଦିଆଯିବ ତାହା ସ୍ଥିର କରିଛନ୍ତି। କୋଭିଡ-19 ବିରୁଦ୍ଧରେ ସଂଗ୍ରାମ କରୁଥିବା ସ୍ୱାସ୍ଥ୍ୟସେବା କର୍ମୀ ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟ କରୁଛନ୍ତି ।
- ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାମାନେ ପ୍ରଥମ ଟୀକା ନେବେ । ତାହାହେଲେ ଯାଇ ଆପଣମାନେ ଭୂତାଣୁ ସଂସ୍ପର୍ଶରେ ନଆସି ନିର୍ଭୟରେ କାର୍ଯ୍ୟ କରିପାରିବେ ।

Date: 5th January 2021

Ministry of
Health and Family Welfare
Goverment of India

# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ




**Q.** ପ୍ରଥମ ପର୍ଯ୍ୟାୟରେ କେଉଁମାନଙ୍କ ଟୀକାକରଣ କରାଯିବ ?

**A.**

- ଟୀକାର ଉପଲବ୍ଧତା ଦୃଷ୍ଟିରୁ ଭାରତ ସରକାର କେଉଁମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟୀକା ଦିଆଯିବ ତାହାର ନିଷ୍ପତ୍ତି ନେଇଛନ୍ତି ।
- ପ୍ରଥମ ଶ୍ରେଣୀରେ ଆସୁଥିବା ବ୍ୟକ୍ତିମାନେ ହେଲେ ସ୍ୱାସ୍ଥ୍ୟକର୍ମୀ । କାରଣ ସେମାନେ ସଂକ୍ରମିତ ହେବାର ସମ୍ଭାବନା ଅଧିକ
- ପରବର୍ତ୍ତୀ ଶ୍ରେଣୀର ବ୍ୟକ୍ତି ହେଉଛନ୍ତି ଯେଉଁମାନଙ୍କଠାରେ ଅନ୍ୟାନ୍ୟ ରୋଗର ଲକ୍ଷଣ ଅଛି ବା ସେମାନଙ୍କ ବୟସ 50 ରୁ ଅଧିକ । ଏହାକୁ ମଧ ଦୁଇଟି ସବଗ୍ରୁପରେ ବିଭକ୍ତ କରାଯାଇଛି ।
  - (A) 60 ବର୍ଷ ବା ତାଠାରୁ ଅଧିକ ବୟସର ଲୋକଙ୍କ ଟୀକାକରଣ ପ୍ରଥମେ
  - (B) ପ୍ରଥମ ସବଗ୍ରୁପ ପରେ 50 ରୁ 60 ବର୍ଷ ବୟସ ବ୍ୟକ୍ତିଙ୍କ ଟୀକାକରଣ ହେବ ।

Date: 5th January 2021

Ministry of
Health and Family Welfare
Goverment of India

myGOV
मेरी सरकार

# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ



**Q.** ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ଟୀକାକରଣ ପାଇଁ ଏମାନଙ୍କୁ କାହିଁକି ବଛାଯାଇଛି?

**A.**

- ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କ ଟୀକାକରଣ ଦ୍ୱାରା କୋଭିଡ-19 ଜନିତ ମୃତ୍ୟୁ ହାର ହ୍ରାସ ସହ ସମାଜରେ ଆର୍ଥିକ ଓ ସାମାଜିକ ପ୍ରଭାବ ହ୍ରାସ ପାଇବ ।
- 50 ବର୍ଷରୁ ଅଧିକ ଓ ଅନ୍ୟାନ୍ୟ ରୋଗ ଯୋଗୁ ଅସୁସ୍ଥ ବ୍ୟକ୍ତିମାନଙ୍କ ଟୀକାକରଣ ଦ୍ୱାରା ଶତକଡା 7୪ ଭାଗ ଅସୁସ୍ଥ ବ୍ୟକ୍ତିଙ୍କ ଟୀକାକରଣ ସହ ମୃତ୍ୟୁ ହାର ମଧ୍ୟ ହ୍ରାସ ପାଇବ ।
- ଟୀକାକରଣ ଧାରାବାହିକ ନହୋଇ ମଧ୍ୟ ପାରେ । ଟୀକାର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏହା ସମାନ୍ତରାଳ ଭାବେ ଅନ୍ୟ ହିତାଧିକାରୀଙ୍କ ପାଇଁ ମଧ୍ୟ ହେବାର ସମ୍ଭାବନା ରହିଛି ।

Date: 5th January 2021




# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ

**Q.** ଏହି ଟୀକା ନିରାପଦ କି?

**A.** ହଁ। ଟୀକାର ବିଭିନ୍ନ ପର୍ଯ୍ୟାୟ ପରୀକ୍ଷଣ ପରେ ସୁରକ୍ଷା ଓ ପ୍ରଭାବ ସୁନିଶ୍ଚିତ କରାଯାଇ ତାହାର ବ୍ୟବହାର ପାଇଁ ଅନୁମତି ଦିଆଯିବ।

Date: 5th January 2021




**Q.** କୋଭିଡ-19 ଟୀକା ନେବା ପରେ ମଧ୍ୟ ଜଣଙ୍କୁ କୋଭିଡ ମାର୍ଗଦର୍ଶିକା ଅନୁପାଳନ କରିବାକୁ ପଡିବ କି?

**A.**

- କୋଭିଡ ଟୀକା ନେବା ପରେ ମଧ୍ୟ ଆପଣମାନଙ୍କୁ ସମସ୍ତ ପ୍ରତିଷେଧକ ନେବାକୁ ପଡିବ ।
  - (A) ମାସ୍କ ବ୍ୟବହାର
  - (B) ହାତଧୁଆ
  - (C) ସାମାଜିକ ଦୂରତା (6 ଫୁଟ କିମ୍ବା ଦୁଇ ଗଜ)
- ଏହି ମାର୍ଗଦର୍ଶିକାର ଅନୁପାଳନ ଉଭୟ ଟୀକାକରଣର ସ୍ଥାନ ଓ ସାଧାରଣ ଭାବେ କରିବାକୁ ପଡିବ ।

Date: 5th January 2021

Ministry of
Health and Family Welfare
Goverment of India

मेरी सरकार

# କୋଭିଡ -19 ଟୀକା ସମ୍ପର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

## ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ/ ସମ୍ମୁଖ ଯୋଦ୍ଧାଙ୍କ ନିମନ୍ତେ



**Q.** ଏହି ଟୀକାର କୌଣସି ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ଅଛି କି ?

**A.**

- କୋଭିଡ-19 ଟୀକା ଏହାର ସୁରକ୍ଷା ପ୍ରତିପାଦିତ ହେବା ପରେ ହିଁ ପ୍ରବର୍ତ୍ତନ କରାଯାଇଛି।
- ଅନ୍ୟାନ୍ୟ ଟୀକା ଭଳି କେତେକ ବ୍ୟକ୍ତିଙ୍କଠାରେ ହାଲୁକା ଜ୍ୱର, ଯନ୍ତ୍ରଣା ଇତ୍ୟାଦି ଭଳି ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ ।
- କୋଭିଡ-19 ସମ୍ପର୍କିତ ଯେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମୁକାବିଲା ପାଇଁ ବ୍ୟବସ୍ଥା କରିବାକୁ ରାଜ୍ୟଗୁଡିକୁ କୁହାଯାଇଛି ।

Date: 5th January 2021